NATIONAL NEWS BULLETIN (ODIA)

27 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ପ୍ରଶଂସା କଲେ ରୁଷ୍ ରାଷ୍ଟ୍ରପତି
- କେରଳମ୍‌କୁ ୨ ଦିନିଆ ଗସ୍ତରେ ଯାଇ ଆଦିଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥାନ ପରିଦର୍ଶନ କଲେ ରାଷ୍ଟ୍ରପତି

–ବୈଦ୍ୟରତ୍ନମ୍ ଆୟୁର୍ବେଦ କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦାନ

- ଯୁବତୀ ଓ କିଶୋରୀମାନଙ୍କ ଆଶା ଆକାଂକ୍ଷା ପୂରଣ ଲକ୍ଷ୍ୟରେ ଆୟୋଜିତ ନବ୍ୟା- ଟୁ ପଏଣ୍ଟ ଓ ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ଶୁଭାରମ୍ଭ ଆସନ୍ତାକାଲି
- ବୈଶ୍ୱିକ ଅନିଶ୍ଚିତତା, ତୈଳଦର ବୃଦ୍ଧି ଏବଂ ଶୁଳ୍କ ବାଧା ସତ୍ତ୍ୱେ ଭାରତ ନିଜର ଅଭିବୃଦ୍ଧି ହାର ବଜାୟ ରଖିଥିବା କେନ୍ଦ୍ର ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲଙ୍କ ସୂଚନା

ଏବଂ

- ଗୋଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେଲା ୩ ଚର୍ଚ୍ଚିତ ଭାରତୀୟ ସିନେମା

ରସିଆନ୍ ପ୍ରେଜ୍-ମୋଦୀ

ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି । ମସ୍କୋରେ ଅନୁଷ୍ଠିତ ଏଆଇ ଜର୍ଣ୍ଣି ସମ୍ମିଳନୀରେ ଭାରତୀୟ ଯୁବ ଏଆଇ ଉଦ୍‌ଭାବକ ରାଉଲ୍ ଜନ୍ ଅଜୁଙ୍କ ସହ ଆଲୋଚନାବେଳେ ରୁଷ୍ ରାଷ୍ଟ୍ରପତି ଶ୍ରୀ ପୁତିନ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଯୁବବର୍ଗଙ୍କୁ ସ୍ଥାନୀୟ ସମସ୍ୟାର ସମାଧାନ ଖୋଜିବା ଏବଂ ତାହାକୁ କାର୍ଯ୍ୟକାରି କରିବାରେ ସକ୍ଷମ କରିଛି । ଅଜୁଙ୍କ ପ୍ରକଳ୍ପଗୁଡ଼ିକ ମୋଦୀଙ୍କର ମେକ୍ ଇନ୍ ଇଣ୍ଡିଆ ଆହ୍ୱାନକୁ ସାକାର କରିବାରେ ସହାୟକ ହୋଇଛି । ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଦ୍ୱାରା ଆଜି ଅଜୁଙ୍କ ଭଳି ଭାରତର ଯୁବ ଉଦ୍‌ଭାବକମାନେ ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଛି ।

ପ୍ରେଜ୍ - କେରଳମ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ କେରଳମ୍‌କୁ ଦୁଇଦିନିଆ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଆଜି ପୂର୍ବାହ୍ନରେ ରାଷ୍ଟ୍ରପତି କୋଚିନ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ କେରଳମ୍ ରାଜ୍ୟପାଳ ଓମ୍‌ପ୍ରକାଶ ମାଥୁର୍, ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ତାଙ୍କୁ ସ୍ୱାଗତ କରିଥିଲେ । ବିମାନବନ୍ଦରରୁ ରାଷ୍ଟ୍ରପତି ଆଦିଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥାନ କାଲାଡ଼ି ଅମିମୁଖେ ଯାତ୍ରା କରିଥିଲେ । ରାଷ୍ଟ୍ରପତି କାଲାଡିରେ ଥିବା ମନ୍ଦିର ପରିଦର୍ଶନ କରିଥିଲେ । ଏହା ପରେ ରାଷ୍ଟ୍ରପତି ତ୍ରଶୂର ବୈଦ୍ୟରତ୍ନମ୍ ଆୟୁର୍ବେଦ କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସମାରୋହରେ ଯୋଗଦେଇଛନ୍ତି ।

ନବ୍ୟା ୨.୦ ଲଞ୍ଚ୍

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ମିଳିତ ଭାବେ ଆସନ୍ତାକାଲି ଉତ୍ତରାଖଣ୍ଡର ହରିଦ୍ୱାରଠାରେ 'ନବ୍ୟା'ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ । ଯୁବତୀ ଓ କିଶୋରୀମାନଙ୍କ ପାଇଁ ବୃତ୍ତିଗତ ପ୍ରଶିକ୍ଷଣ ମାଧ୍ୟମରେ ଆଶ ଓ ଆକାଂକ୍ଷାକୁ ପୂରଣ କରିବା ଲକ୍ଷ୍ୟରେ କରାଯାଉଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଦକ୍ଷତା ବିକାଶ ରାଷ୍ଟ୍ରପତି ଜୟନ୍ତ ଚୌଧୁରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । "ନବ୍ୟା-୨ପଏଣ୍ଟ ଓ' ଶୁଭାରମ୍ଭ ଅବସରରେ ଉତ୍ତରାଖଣ୍ଡରେ ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପି.ଏମ୍. ଯୋଜନା ଅଧୀନରେ ନିର୍ମିତ ନୂତନ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଉଦ୍‌ଘାଟନ କରାଯିବ । ଏହା ସହିତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ପ୍ରଶିକ୍ଷଣ ନେଇଥିବା ପ୍ରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ।

ଗୋୟଲ ଇଣ୍ଡିଆ-ୟୁଏସ୍-ଡିଲ୍

ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନୂଆଦିଲ୍ଲୀରେ ଭାରତ ଋଣ ପୁଞ୍ଜିବଜାର ଶିଖର ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଥିଲେ, କେତେକ ପ୍ରକ୍ରିୟା କାରଣରୁ ଦୁଇଦେଶ ମଧ୍ୟରେ ଏହି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସ୍ଥଗିତ ରହିଥିଲା । ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଚୁକ୍ତିନାମା ଚଳିତବର୍ଷ

ଶେଷରେ ସ୍ୱାକ୍ଷରିତ ହେବ ଏବଂ ଆସନ୍ତାବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ୍ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

ଶ୍ରୀ ଗୋୟଲ କହିଥିଲେ, ଗତ ୫ ବର୍ଷ ମଧ୍ୟରେ ଭାରତ ୩୮ଟି ବିକଶିତ ଦେଶକୁ ଅନ୍ତର୍ଭୁକ୍ତ କରି ୯ଟି ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଛି। ଏହା ଦ୍ୱାରା ୭୦ ଟ୍ରିଲିୟନ୍ ଡଲାରର ମିଳିତ ଜି.ଡି.ପି. ସହିତ ଅର୍ଥ ବ୍ୟବସ୍ଥାକୁ ପର୍ଯ୍ୟାପ୍ତ ବଜାର ସୁବିଧା ମିଳିପାରିବ । ବୈଶ୍ୱିକ ଅନିଶ୍ଚିତତା, ବିବାଦ, ତୈଳ ଦରର ଝଟ୍କା, ଏବଂ ଶୁଳ୍କ ସମ୍ବନ୍ଧୀୟ ବାଧାବିଘ୍ନ ସତ୍ତ୍ୱେ ଭାରତ ନିଜର ଅଭିବୃଦ୍ଧି ହାର ବଜାୟ ରଖିଛି ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୯ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୪୦ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

ଇଫି-୨୬

ଗୋଆରେ ଚାଲିଥିବା ୫୭ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଅଷ୍ଟମ ଦିନରେ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଏବଂ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି । ଏଥିରେ ବହୁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଯୋଗଦେଇ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆସୁଥିବା ନୂତନ ଧାରା ଉପରେ ଆଲୋଚନା କରିଛନ୍ତି । 'ଦ ଲେଜେଣ୍ଡାରୀ-୨୫' ଶୀର୍ଷକ ପ୍ୟାନେଲ୍ ଆଲୋଚନାରେ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଫରହାନ୍ ଅକ୍ତର, ଆଶୁତୋଷ ଗୋୱାରୀକର ଏବଂ ମଧୁର ଭଣ୍ଡାରକର ଅଂଶ ଗ୍ରହଣ କରିଥିଲେ । ଏହି ଅଧିବେଶନରେ ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ୩ଟି ଚର୍ଚ୍ଚିତ ଚଳଚ୍ଚିତ୍ର 'ଦିଲ୍ ଚାହତା ହେ', 'ଲଗାନ' ଏବଂ 'ଚାନ୍ଦନୀ ବାର୍' ଉପରେ ଆଲୋଚନା କରାଯାଇଥିଲା ।

ମନୋହରଲାଲ ପାୱାର ମିନିଷ୍ଟର

ଭାରତ ସଫଳତାର ସହିତ ଏହାର ଦ୍ରୁତ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରୁଛି ବୋଲି କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହରଲାଲ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଶକ୍ତିମନ୍ତ୍ରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଲାଲ ଉଲ୍ଲେଖ କରିଛନ୍ତି ଯେ ଭାରତର ଘରୋଇ ବିଦ୍ୟୁତ କ୍ଷେତ୍ର ସ୍ୱାବଲମ୍ବୀ ହେଉଛି । ଫଳରେ ପଡ଼ୋଶୀ ଦେଶଗୁଡ଼ିକୁ ଶକ୍ତି ରପ୍ତାନୀ ପାଇଁ ଅତିରିକ୍ତ କ୍ଷମତା ରହିଛି । ଆଗାମୀ ୧୦ରୁ ୧୧ ବର୍ଷ ମଧ୍ୟରେ ୫ଶହ ଗିଗାୱାଟ ନବୀକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ମହତ୍ତ୍ୱାକାଂକ୍ଷୀ ସଂପ୍ରସାରଣ ପାଇଁ ଉତ୍ପାଦନ ସହିତ ଜାତୀୟ ପରିବହନ

ନେଟୱର୍କର ଏକ ସମନ୍ୱିତ ଯୋଜନା ଆବଶ୍ୟକ । ଏହି ଦୁଇଦିନିଆ ସମ୍ମିଳନୀରେ ବିଦ୍ୟୁତ୍ କ୍ଷେତ୍ରରେ ବଢୁଥିବା ଆହ୍ୱାନ ଏବଂ ପର୍ଯ୍ୟାପ୍ତ ଯୋଗାଣ ମାଧ୍ୟମରେ ବର୍ଦ୍ଧିତ ଚାହିଦାକୁ କିପରି ପୂରଣ କରାଯିବ, ସେ ବିଷୟରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ରାଜନାଥ-ଜାମ୍ମୁ ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଜାମ୍ମୁ ଗସ୍ତ କରି ଦଳର ଗଣତନ୍ତ୍ର ବଚାଓ- ଅରାଜକତା ହଟାଅ ପଦଯାତ୍ରାର ନେତୃତ୍ୱ ନେବେ । ଆମ ଜମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଆସନ୍ତାକାଲି ସକାଳ ୧୦ଟାରେ ପଞ୍ଜୀତିର୍ଥୀ ରେଡିଓ ଷ୍ଟେସନ ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ବ୍ରାହ୍ମଣସଭା ନିକଟସ୍ଥ ପରେଡ ଗ୍ରାଉଣ୍ଡରେ ଶେଷ ହେବ । ବିଜେପି ରାଜ୍ୟସଭାପତି ତଥା ରାଜ୍ୟସଭା ସାଂସଦ ସତ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଶ୍ରୀ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେବେ । କାର୍ଯ୍ୟକ୍ରମ ପରେ ଶ୍ରୀ ସିଂହ ପୁଣେ ଅଭିମୁଖେ ୨ ଦିନିଆ ଗସ୍ତରେ ଯିବେ ।

ଇଣ୍ଡିଆ-ନେପାଳ

ନେପାଳର ମୁସ୍ତାଙ୍ଗ ଜିଲ୍ଲା ଶ୍ରୀଜନବଳ ମାଧ୍ୟମିକ ବିଦ୍ୟାଳୟରେ ଏକ ନୂତନ କୋଠା, ଶିକ୍ଷକଙ୍କ କ୍ୱାର୍ଟର୍ସ ଏବଂ ଛାତ୍ରାବାସ ନିର୍ମାଣ ପାଇଁ ଭାରତ’ ନେପାଳକୁ ପ୍ରାୟ ୮କୋଟି ୯୦ ଲକ୍ଷ ମୂଲ୍ୟର ନେପାଳୀ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛି । କାଠମାଣ୍ଡୁସ୍ଥି ଭାରତୀୟ ଦୂତାବାସର ଚାର୍ଜ ଡି ଆଫେୟାର୍ସ ଡକ୍ଟର ରାକେଶ ପାଣ୍ଡେ ଏବଂ ଘାରାପଞ୍ଜୋଗ ଗ୍ରାମୀଣ

ପୌରପାଳିକାର ଅଧ୍ୟକ୍ଷ ମୋହନ ସିଂ ଲାଲ୍‌ଚନ୍ଦଙ୍କ ଦ୍ୱାରା ଗତକାଲି ଏହି ଭାରତ-ନେପାଳ ମିଳିତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି ସହାୟତା ଭାରତ ଏବଂ ନେପାଳ ମଧ୍ୟରେ ଘନିଷ୍ଠ ବିକାଶ ଭାଗିଦାରୀକୁ ପ୍ରତିଫଳିତ କରୁଛି । ଏହି ପ୍ରକଳ୍ପ ମାଧ୍ୟମରେ ଭାରତ ଶିକ୍ଷା ସମେତ ପ୍ରମୁଖ କ୍ଷେତ୍ରରେ ଭିତ୍ତିଭୂମିକୁ ସୁଦୃଢ଼ କରି ନେପାଳର ବିକାଶକୁ ସମର୍ଥନ କରୁଛି ।

ଲଦାଖ-ଏଜୁକେଶନ

ଉଚ୍ଚଶିକ୍ଷା କ୍ଷେତ୍ରରେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ହାସଲ କରିଛି । ସରକାରୀ ଡିଗ୍ରୀ କଲେଜ ଦ୍ରାସ ସ୍ଥିରତା ଏବଂ ସବୁଜ ଦକ୍ଷତା ଶିକ୍ଷାରେ ଅଭିନବ ଅଭ୍ୟାସ ବର୍ଗରେ ବେଙ୍ଗଲୁରୁରେ ଅନୁଷ୍ଠିତ DIDAC INDIA-2026 ସମ୍ମିଳନୀରେ ଅନ୍ତର୍ଜାତୀୟ ଆଇଡିଆ ପୁରସ୍କାର ହାସଲ କରିଛି । ବିଦ୍ୟାର୍ଥୀଙ୍କ ନବସୃଜନ ଏବଂ ପରୀକ୍ଷାମୂଳକ ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ଏହି ଅନୁଷ୍ଠାନକୁ ଉଚ୍ଚଶିକ୍ଷା ଏବଂ କୌଶଳରେ ଏକ ମଶାଲ ବାହକ ଭାବରେ ମଧ୍ୟ ନାମିତ କରାଯାଇଥିଲା । ଗତ ୨୫ ତାରିଖରୁ ଆୟୋଜିତ ୩ ଦିନିଆ ସମ୍ମିଳନୀରେ ୧୯ଟି ଦେଶର ମନ୍ତ୍ରୀ, ବିଶିଷ୍ଟ ବ୍ୟକ୍ତି, ୫୦୦ରୁ ଅଧିକ ଶିଳ୍ପ ଅଂଶୀଦାର ଏବଂ ଶତାଧିକ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ । ଦୁର୍ଗମ ହିମାଳୟ ଅଞ୍ଚଳର ଅନୁଷ୍ଠାନଗୁଡ଼ିକ କିପରି ବିଶ୍ୱ ଶିକ୍ଷା ପ୍ଲାଟ୍‌ଫର୍ମରେ ମାନଦଣ୍ଡ ସ୍ଥିର କରିପାରିଛନ୍ତି, ତାହା ଏହି ସମ୍ମିଳନୀରୁ ପ୍ରତିପାଦିତ ହୋଇପାରିଛି ।

ବାଲ୍ ବିବାହ ମୁକ୍ତ ଭାରତ

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ପର୍ଯ୍ୟବସିତ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ

ଅନୁଷ୍ଠିତ ହେବ । 'ସମ୍ପୂର୍ଣ୍ଣ ସରକାର ଓ ସମ୍ପୂର୍ଣ୍ଣ ସମାଜ' ଆଭିମୁଖ୍ୟ ମାଧ୍ୟମରେ ବାଲ୍ୟ ବିବାହ ନିରାକରଣ ଅଭିଯାନ ଗତ ୨୦୨୪ ନଭେମ୍ବର ୨୭ ତାରିଖରେ ଦେଶ ବ୍ୟାପି ଆରମ୍ଭ କରାଯାଇଥିଲା । ଆଜି ଏହାର ଦ୍ୱିତୀୟ ବାର୍ଷିକୀ ପାଳନ କରାଯିବ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସମ୍ପୃକ୍ତ ବିଭାଗ, ବାଲ୍ୟ ବିବାହ ନିଷେଧ ଅଧିକାରୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ, ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକର ପ୍ରତିନିଧି ଯୋଗଦେବେ ।

ଆଇ.ଓ.ଆର୍.ଏ. ବୈଠକ

ଭାରତ ମହାସାଗର ରିମ୍ ସଂଘ-ଆଇ.ଓ.ଆର୍.ଏ.ର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଭାରତ ପକ୍ଷରୁ ଆୟୋଜନ କରାଯାଇଥିବା ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ସେସେଲ୍ସ୍ ବୈଦେଶିକ ମନ୍ତ୍ରୀ ବ୍ୟାରୀ ଫାଉରେ, ମରିସସ୍ର ମନ୍ତ୍ରୀ ଧନଞ୍ଜୟ ରାମଫଲ, ଶ୍ରୀଲଙ୍କାର ମନ୍ତ୍ରୀ ବିଜିତା ହେରାତ୍ ଏବଂ ମାଳଦ୍ୱୀପର ମନ୍ତ୍ରୀ ଇରୁଥିସାମ ଆଦାମ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି । ଭାରତ ମହାସାଗର କ୍ଷେତ୍ରରେ **'ନବସୃଜନ, ମୁକ୍ତ, ସ୍ଥିରତା ଏବଂ ଅନୁକୂଳ ସ୍ଥିତି'** ପ୍ରସଙ୍ଗ ଆଧାରରେ ଏହି ବୈଠକରେ ୨୩ଟି ସଦସ୍ୟ ରାଷ୍ଟ୍ର ଏବଂ ୧୨ଟି ଅଂଶୀଦାର ରାଷ୍ଟ୍ରର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମତବିନିମୟ କରିବେ ।